# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**19 August – 2025**

# ଅର୍ଥ କମିଶନ-ରିପୋର୍ଟ ପ୍ରଦାନ

ଷଷ୍ଠ ରାଜ୍ୟ ଅର୍ଥ କମିଶନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଲୋକସେବା ଭବନରେ ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ପ୍ରଦାନ କରିଛନ୍ତି । କମିଶନ'ର ଅଧ୍ୟକ୍ଷ ଡକ୍ଟର ଅରୁଣ କୁମାର ପଣ୍ଡାଙ୍କ ନେତୃତ୍ୱରେ କମିଶନ'ର ଅନ୍ୟ ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରି ରିପୋର୍ଟ ପ୍ରଦାନ କରିଛନ୍ତି । ରିପୋର୍ଟରେ ବିଭିନ୍ନ ସୁପାରିଶ ସମ୍ପର୍କରେ ଆଲୋଚନା ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ସମେତ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ । ସୂଚନା ଅନୁଯାୟୀ ଏହି ମଧ୍ୟବର୍ତ୍ତୀକାଳୀନ ରିପୋର୍ଟକୁ ଷୋଡଶ ଅର୍ଥ କମିଶନଙ୍କ ବିଚାର ନିମନ୍ତେ ପଠାଯିବ । ଅର୍ଥ କମିଶନ ଏହା ପୂର୍ବରୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କୁ ସାକ୍ଷାତ୍ କରି ରାଜଭବନରେ ଏହି ରିପୋର୍ଟ ପ୍ରଦାନ କରିଥିଲେ ।

# ଡାକ୍ତର ନିଯୁକ୍ତି

ରାଜ୍ୟରେ ଖୁବ୍‌ଶୀଘ୍ର ୧ହଜାର ୮୪୦ଟି ଡାକ୍ତର ଓ ମେଡ଼ିକାଲ ଅଫିସର ଏବଂ ୫ହଜାରରୁ ଅଧିକ ପାରା ମେଡ଼ିକାଲ କର୍ମଚାରୀ ନିଯୁକ୍ତି ପାଇବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ବୈଠକରୁ ଏହା ଜଣାପଡିଛି । ରାଜ୍ୟର ସମସ୍ତ ସ୍ଥାନରେ

ଆବଶ୍ୟକ ସଂଖ୍ୟକ ମେଡ଼ିକାଲ ଅଧିକାରୀ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅଧିକ ଡାକ୍ତର ନିଯୁକ୍ତି ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ ବିଭିନ୍ନ ମେଡ଼ିକାଲ କଲେଜରେ ପିଜି ଆସନ ସଂଖ୍ୟା ବୃଦ୍ଧି ସହ ଭିତ୍ତିଭୂମି ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି । ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଡାକ୍ତରଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବାକୁ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

## ଭୋଟର ତାଲିକା ସଂଶୋଧନ

ରାଜ୍ୟରେ ଆସନ୍ତା ସେପ୍ଟେମ୍ବର ମାସରୁ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହେବ । ୨୪ବର୍ଷ ପରେ ଓଡ଼ିଶାରେ ଏହି ଅଭିଯାନ ଆରମ୍ଭ ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍.ଗୋପାଳନ କହିଛନ୍ତି । ୨୦୨୬ ଜାନୁଆରୀ ୭ ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ଏହାସହ ରାଜ୍ୟରେ ବୁଥ୍‌ସଂଖ୍ୟା ୩୮ହଜାରରୁ ୪୫ହଜାରକୁ ବୃଦ୍ଧି ପାଇବ ବୋଲି ସୂଚନା ମିଳିଛି । ୨୦୦୨ ମସିହାରେ ରାଜ୍ୟରେ ଶେଷଥର ପାଇଁ ଭୋଟର ତାଲିକା ସଂଶୋଧନ କରାଯାଇଥିଲା ।

## କୃଷି-ବୈଠକ

ରାଜ୍ୟର ବିଭିନ୍ନ ସ୍ଥାନରେ କୃଷି ଏବଂ କୃଷିଭିତ୍ତିକ ମହାବିଦ୍ୟାଳୟ ଖୋଲିବା ନେଇ ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କୃଷି କ୍ଷେତ୍ରରେ ଉତ୍ପାଦନ

ବୃଦ୍ଧି ଏବଂ ସ୍ଥାୟୀ ଓ ଲାଭଦାୟକ କୃଷି ବ୍ୟବସ୍ଥା ବିକାଶ ଦିଗରେ ଏହା ସହାୟକ ହେବ ବୋଲି କୁହାଯାଇଛି । ଅନ୍ୟପକ୍ଷରେ ସମ୍ବଲପୁରରେ ଆଉଏକ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିବା ଜଣାଯାଇଛି । ବୈଠକରେ କୃଷି, ଅର୍ଥ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ସଚିବଙ୍କ ସମେତ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଉପସ୍ଥିତ ଥିଲେ ।

## ରାଜ୍ୟପାଳ ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟ

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ୧୦୦ଜଣ ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟଭାବେ ଗ୍ରହଣ କରିବେ । ଟିବିମୁକ୍ତ ଭାରତ ଅଭିଯାନ ଅଧୀନରେ ସେମାନଙ୍କୁ ଆରୋଗ୍ୟଲାଭ କରିବା ପର୍ଯ୍ୟନ୍ତ ପୋଷଣଯୁକ୍ତ ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରାଯିବ । ରାଜଭବନ ପକ୍ଷରୁ ଆଗତ ପ୍ରସ୍ତାବକୁ ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ସମ୍ମତି ପ୍ରକାଶ କରିଛି । ଏହିକ୍ରମରେ ଖୋର୍ଦ୍ଧା ଜିଲ୍ଲାର ୧୦୦ଜଣ ଯକ୍ଷ୍ମା ରୋଗୀଙ୍କୁ ପୋଷଣଯୁକ୍ତ ଖାଦ୍ୟପ୍ୟାକେଟ୍ ବଣ୍ଟନ କରାଯାଇପାରିବ । ଖାଦ୍ୟ ବଣ୍ଟନ ପାଇଁ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଆକାଉଣ୍ଟରେ ୪ଲକ୍ଷ ୨୦ହଜାର ଟଙ୍କା ଜମା କରାଯିବ ବୋଲି ଜଣାପଡିଛି ।

## ମାନବିକତା ଦିବସ

ଯୁଦ୍ଧ ଓ ସଂଘର୍ଷ ସ୍ଥିତିର ସମ୍ମୁଖୀନ ହେଉଥିବା ପୃଥିବୀରେ ଜନସାଧାରଣଙ୍କର ଦୁଃଖ ଦୁର୍ଦ୍ଦଶା ସଂପର୍କରେ ସଚେତନତା ସୃଷ୍ଟି କରାଇବା ନେଇ ଆଜି ବିଶ୍ୱ ମାନବିକତା ଦିବସ ପାଳନ କରାଯାଉଛି । ମାନବ ସେବାରେ ଜୀବନ ଉତ୍ସର୍ଗ

କରିଥିବା ଓ ପ୍ରାଣ ହରାଇଥିବା ବ୍ୟକ୍ତିବିଶେଷଙ୍କୁ  ସମ୍ମାନ ଓ ସମର୍ଥନ ଦେବା ଉଦ୍ଦେଶ୍ୟରେ ମଧ୍ୟ ଏହି ଦିବସ ପାଳନ କରାଯାଇଥାଏ । ପୃଥିବୀରେ ବର୍ତ୍ତମାନ କୋଟି କୋଟି ଲୋକ ଯୁଦ୍ଧ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ଭଳି ସଂକଟର ସମ୍ମୁଖୀନ ହେଉଛନ୍ତି । ସେମାନଙ୍କୁ ମାନବୀୟ ସହାୟତା ଦେବା ପାଇଁ ୨୦୦୮ ମସିହାରେ ଜାତିସଂଘ ସାଧାରଣ ସଭା ଦ୍ୱାରା ବିଶ୍ୱ ମାନବିକତା ଦିବସ ପାଳନ ନେଇ ନିଷ୍ପତ୍ତି ନିଆଯାଇଥିଲା ଏବଂ ୨୦୦୯ ମସିହା ଠାରୁ ଆନୁଷ୍ଠାନିକ ଭାବେ ଏହି ଦିବସ ପାଳନ କରାଯାଉଛି ।

## ମାଲକାନଗିରି-ଚିକିତ୍ସା ସେବା

ମାଲକାନଗିରି ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଦଳ ପହଞ୍ଚିବା ପରେ ଚିକିତ୍ସା ଆରମ୍ଭ କରିଛନ୍ତି । ଗତକାଲି ପ୍ରଥମ ଦିନରେ ୧୪୭ଜଣ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିବା ଜଣାପଡିଛି । ସ୍ୱତନ୍ତ୍ର ବିମାନଯୋଗେ ୭ଜଣିଆ ବିଶେଷଜ୍ଞ ଦଳ ମାଲକାନଗିରି ସଦର ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ବିଭିନ୍ନ ରୋଗୀମାନଙ୍କ ଚିକିତ୍ସା କରିଥିଲେ । ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ବାୟୁ ସ୍ୱାସ୍ଥ୍ୟସେବା ଟିମ୍ ଚିକିତ୍ସା ସେବା ଯୋଗାଇଦେବେ ବୋଲି ଜଣାପଡିଛି ।

## ମହିଳା କମିଶନଙ୍କ ଭଦ୍ରକ ଗସ୍ତ

ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ଭଦ୍ରକ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ସେ ଭଦ୍ରକ ଜିଲ୍ଲା ନୂତନ ମୁଖ୍ୟ ଚିକିତ୍ସାଳୟରେ ଶିଶୁ ମହିଳା ବିଭାଗ ୱାର୍ଡ ପରିଦର୍ଶନ କରି ରୋଗୀଙ୍କ ସମସ୍ୟା ପଚାରି ବୁଝିବା ସହିତ ଜିଲ୍ଲା କାରାଗାର, ୱାନଷ୍ଟପ କେନ୍ଦ୍ର ଓ ମହିଳା

ଆଶ୍ରୟସ୍ଥଳୀ ଆବାସ କେନ୍ଦ୍ର ଅନୁଧ୍ୟାନ କରି ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ।

## ଅପରେସନ ଗରୁଡ

ଅପରାଧୀଙ୍କୁ ଦମନ କରିବା ଲାଗି ଚାଲିଥିବା ସ୍ୱତନ୍ତ୍ର ଅଭିଯାନ ଅପରେସନ ଗରୁଡରେ ଗଞ୍ଜାମ ଜିଲ୍ଲାରେ ଜାମିନ ବିହୀନ ଓ୍ୱାରେଣ୍ଟ ଥିବା ୩୯୮ଜଣଙ୍କୁ ଗିରଫ କରାଯାଇଛି । ୧୬ଦିନ ଧରି ଚାଲିଥିବା ଏହି ଅଭିଯାନରେ ୧୬୧ଟି ଅବକାରୀ ମାମଲା ରୁଜୁ ହୋଇଥିବାବେଳେ ୧୩ଟି ପିସ୍ତଲ ଓ ୬୩ଟି ଗୁଳି ଜବତ କରାଯାଇଛି । ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର କହିଛନ୍ତି ବିଭିନ୍ନ ମାମଲାରେ ୫୩୭ଜଣଙ୍କୁ ନୋଟିସ ଜାରି କରାଯାଇଛି ।

## ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ଓ ଏହାର ପାର୍ଶ୍ୱବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପ ସାଗର, ଉତ୍ତର-ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ-ଉପକୂଳ ଓଡ଼ିଶାରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଅବପାତରେ ପରିଣତ ହୋଇଛି। ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ଅଞ୍ଚଳରେ ବର୍ଷା ଲାଗିରହିଛି ।  ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, କୋରାପୁଟରେ ସର୍ବାଧିକ ୬୪ ମିଲିମିଟର ବର୍ଷା ହୋଇଥିବାବେଳେ ନବରଙ୍ଗପୁରରେ ୩୩ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଆଜି ମଧ୍ୟାହ୍ନରେ ଅବପାତ ଦକ୍ଷିଣଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି । ଏହାର

ପ୍ରଭାବରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡା, କଳାହାଣ୍ଡି, ବଲାଙ୍ଗିର ଓ ରାୟଗଡା ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି ।